ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬ ଅକ୍ଟୋବର ୨୦୧୮ ମଙ୍ଗଳବାର

ସମଗ୍ର ବିଶ୍ୱବାସୀଙ୍କ କ୍ଷୁଧା ବିରୁଦ୍ଧରେ ସଂଗ୍ରାମ ସହିତ ଖାଦ୍ୟର ଆବଶ୍ୟକତା ଓ ଖାଦ୍ୟ ନିରାପତ୍ତା ସଂପର୍କିତ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମିଳିତ ଜାତି ସଂଘର ଖାଦ୍ୟ ଓ କୃଷି ସଂଗଠନ ଆନୁକୂଲ୍ୟରେ ୧୯୮୧ ଅକ୍ଟୋବର ୧୬ ଦିନଠାରୁ ସମଗ୍ର ବିଶ୍ୱରେ ବିଶ୍ୱ ଖାଦ୍ୟ ଦିବସ ଭାବେ ପାଳିତ ହୋଇ ଆସୁଅଛି । ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା– ଯେପରି ଏହି ବିଶ୍ୱରେ କୌଣସି ଲୋକ ଭୋକିଲା ରହିବେ ନାହିଁ କିମ୍ବା ଅନାହାରରେ ମୃତ୍ୟୁବରଣ କରିବେ ନାହିଁ । ସେହି ଦିନ ଠାରୁ ପ୍ରତି ବର୍ଷ ମନୁଷ୍ୟର ଖାଦ୍ୟର ଅବଶ୍ୟକତା ଓ ପରିପାର୍ଶ୍ୱିକ ଅବସ୍ଥାକୁ ଚାହିଁ ଭିନ୍ନ ଭିନ୍ନ ବିଷୟବସ୍ତୁକୁ ଆଧାରକରି ଦାରିଦ୍ର୍ୟ ଓ କ୍ଷୁଧା ବିରୋଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ନେଇ ସମଗ୍ର ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୧୬ତାରିଖ ଦିନ ବିଶ୍ୱ ଖାଦ୍ୟ ଦିବସ ଭାବେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ୨୦୧୮ ଆକ୍ଟୋବର ୧୬ ଦିନ ପାଳିତ ହେଉଥିବା ୩୮ତମ ବିଶ୍ୱ ଖାଦ୍ୟ ଦିବସର ମୁଖ୍ୟ ବାର୍ତ୍ତା ହେଲା – ‘ଆମର କାର୍ଯ୍ୟ ପ୍ରକ୍ରିୟା ହେଉଛି ଆମର ଭବିଷ୍ୟତ। ୨୦୩୦ ବର୍ଷ ଶେଷ ସୁଦ୍ଧା କ୍ଷୁଧା ମୁକ୍ତ ବିଶ୍ୱ ସମ୍ଭବ।’ (Our actions are our future. A zero hunger world by 2030 is possible) ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଖାଦ୍ୟ ନିରାପତ୍ତା ପ୍ରତି ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱ ଖାଦ୍ୟ ଦିବସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି – ଆର୍ନ୍ତଜାତିକ ଓ ଜାତୀୟ ସଂହତିର ସୁଦୃଢ଼ୀକରଣ ସହିତ କ୍ଷୁଧା, ଖାଦ୍ୟାଭାବ ଏବଂ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବା ସହିତ ଖାଦ୍ୟ ଉତ୍ପାଦନ ଓ କୃଷି ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା। କ୍ଷୁଧା ମୁକ୍ତ ବିଶ୍ୱ ବା କ୍ଷୁଧା ଶୂନ୍ୟର ଅର୍ଥ ହେଉଛି – ନିରାପଦ, ସ୍ୱାସ୍ଥ୍ୟକର ଓ ପୁଷ୍ଟିବର୍ଦ୍ଧକ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ପ୍ରତ୍ୟେକ ଲୋକ ପ୍ରତ୍ୟେକ ସ୍ଥଳରେ ଖାଦ୍ୟ ପାଇବାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ରହିବା ଆବଶ୍ୟକ ।

ବିଶ୍ୱ ଖାଦ୍ୟ ଦିବସ ଓ ଖାଦ୍ୟ ନିରାପତ୍ତା

ବିଶ୍ୱ ଖାଦ୍ୟ ଦିବସର ପ୍ରକୃତ ଉଦ୍ଦେଶ୍ୟ ହେଉଛି–

୧.କୃଷିଭିତ୍ତିକ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ମନୋନିବେଶ କରିବା ନିମନ୍ତେ ଉତ୍ସାହିତ କରିବା। ୨. ବିକାଶଶୀଳ ଦେଶ ମଧ୍ୟରେ ଆର୍ଥିକ ଓ ବୈଷୟିକ ସହଯୋଗର ହାତ ବଢ଼ାଇବା ନିମନ୍ତେ ଉତ୍ସାହିତ କରିବା। ୩. ଜୀବିକା ନିର୍ବାହ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିଷ୍ପତ୍ତି ଓ କାର୍ଯ୍ୟକାଳପରେ ଗ୍ରାମାଞ୍ଚଳ ବିଶେଷ କରି ମହିଳା ଓ ଅବହେଳିତ ଗୋଷ୍ଠୀଙ୍କୁ ସାମିଲ କରିବା। ୪. ବିଶ୍ୱରେ କ୍ଷୁଧା ସମସ୍ୟା ସଂପର୍କିତ ଜନସଚେତନତା ସୃଷ୍ଟି କରିବା। ୫.ବିକାଶଶୀଳ ବିଶ୍ୱରେ ବୈଷୟିକ ଜ୍ଞାନକୌଶଳ ସ୍ଥାନାନ୍ତର କରିବା ନେଇ ଉତ୍ସାହିତ କରିବା। ୬. କ୍ଷୁଧା, ପୁଷ୍ଟିହୀନତା ଦୂରୀକରଣ ଓ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ ଜାରି ରଖିବା ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସଂହତିକୁ ସୁଦୃଢ଼ୀକରଣ କରିବା ଏବଂ କୃଷିର ଉନ୍ନତି ଓ ଖାଦ୍ୟ ଉତ୍ପାଦନରେ ପ୍ରଗତି ହାସଲ କରିବା ନିମନ୍ତେ ମନଯୋଗ ଦେବା।

ପରିବର୍ତ୍ତିତ ଜଳବାୟୁର କୁପ୍ରଭାବ ସହିତ ଖାପ ଖୁଆଇ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଆମକୁ କୃଷି ଓ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଖାଦ୍ୟର ଚାହିଦା ମେଣ୍ଟାଇବାକୁ ପଡ଼ିବ। ସେଥିପାଇଁ ବିଶ୍ୱସ୍ତରରେ ୨୦୫୦ ସୁଦ୍ଧା ଆହୁରି ୬୦ ପ୍ରତିଶତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ ବୋଲି ବିଶ୍ୱସ୍ତରରେ ଆକଳନ କରାଯାଇଛି। ବର୍ତ୍ତମାନ ଦେଖାଯାଉଛି ଯେ – ଆମର ବିଶ୍ୱସ୍ତରରେ ଉତ୍ପାଦିତ ହେଉଥିବା ଖାଦ୍ୟର ଏକ ତୃତୀୟାଂଶ ବା ୩୦ ପ୍ରତିଶତ ଖାଦ୍ୟ ପ୍ରସ୍ତୁତ ଓ ଖାଇବା ସମୟରେ ବା ଉତ୍ପାଦନ ଠାରୁ ଆରମ୍ଭ କରି ଖାଦ୍ୟ ଉପଯୋଗ ସମୟ ମଧ୍ୟରେ ନଷ୍ଟ ହେଉଛି। ତେଣୁ ସେହି ସୀମିତ ବା କମ୍ ଜମିରେ ଖାଦ୍ୟ ଶସ୍ୟ ବା ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ଖାଦ୍ୟ ନଷ୍ଟ ନକରିବାକୁ ଆମେ ସମସ୍ତେ ଏବେଠାରୁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ। ଅବଶ୍ୟ ଖାଦ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଆମକୁ ସମସ୍ତ ପ୍ରାକୃତିକ ଉତ୍ସ ବା ଉପତ୍ତିସ୍ଥଳର ସୁବିନିଯୋଗ କରିବା ସହିତ ଖାଦ୍ୟ ନଷ୍ଟ ରୋକିବାକୁ ହେଲେ ବିଭିନ୍ନ ପଦକ୍ଷେପ ଯଥା– ଉନ୍ନତ ଅମଳ ପ୍ରଣାଳୀ, ଉତ୍ତମ ସଂରକ୍ଷଣ, ପ୍ୟାକିଂ, ପରିବହନ, ଭିତ୍ତିଭୂମିର ବିକାଶ, ଶିତଳୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ବିକ୍ରିବଟାର ସୁବିଧା ସୁଯୋଗ, ଆଇନଗତ ଆଧାର ପ୍ରଣାଳୀ ଆମକୁ ଅବଲମ୍ବନ କରିବାକୁ ହେବ। ପରିସଂଖ୍ୟାନରୁ ଜଣାଯାଇଛି ଯେ – ଆମ ବିଶ୍ୱରେ ପ୍ରତିବର୍ଷ ୧୩୦ (୧.୩ବିଲିଅନ୍) କୋଟି ଟନ୍ କରିବା ଖାଦ୍ୟ ନଷ୍ଟ ହେଉଅଛି। ଖାଦ୍ୟ ପଚି ନଷ୍ଟ ହେବା ଯୋଗୁ ଯେଉଁ ପରିମାଣର ମିଥେନ୍ ଗ୍ୟାସ୍ ସୃଷ୍ଟି ହେଉଛି ତାହା ଅଙ୍ଗାରକାମ୍ଳ

ଗ୍ୟାସ୍ ଠାରୁ ୨୩ ଗୁଣ ଶକ୍ତିଶାଳୀ। ଆମର ବଞ୍ଚିବା ପାଇଁ ୪ଗୋଟି ମୌଳିକ ଆବଶ୍ୟକତା ରହିଛି। ତାହା ହେଲା– ଖାଦ୍ୟ, ବସ୍ତ୍ର, ଜଳ ଓ ବାସସ୍ଥାନ। ଖାଦ୍ୟ ଜୀବନ ଧାରଣ କରିବାର ଏକ ଅବିଚ୍ଛେଦ୍ୟ ଅଂଶ। ଖାଦ୍ୟ ବିନା କେହି ବଞ୍ଚି ପାରିବେ ନାହିଁ। ଜୀବନ ଧାରଣ କରିବାରେ ସହାୟକ ହେଉଥିବା ଖାଦ୍ୟ ବିନା କୌଣସି ଜୀବଜଗତ ଏ ଧରା ପୃଷ୍ଠରେ ବଞ୍ଚିରହିବା ସମ୍ଭବପର ନୁହେଁ। ଖାଦ୍ୟ ହେଉଛି ଔଷଧ ସ୍ୱରୂପ । ଅଧିକ ଓ କମ୍ ମାତ୍ରାର ଔଷଧ ବ୍ୟବହାର କଲାଭଳି ଖାଦ୍ୟ ଅଧିକ ବା କମ୍ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।

ଖାଦ୍ୟ ନିରାପତ୍ତାର ଅର୍ଥ ସୁଦୂରପ୍ରସାରୀ। ଖାଦ୍ୟ ମିଳିବାଠାରୁ ଆରମ୍ଭକରି ନମିଳିବା ଓ ପୁଷ୍ଟି ହୀନତା ଲକ୍ଷଣ ପ୍ରକାଶ ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତାର ଅର୍ଥ ହିଁ ବୁଝାଇଥାଏ। ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନି ଗୋଟି ବିଷୟକୁ ନେଇ ପର୍ଯ୍ୟବେଶିତା (୧) ଖାଦ୍ୟ ଉତ୍ପାଦନ ଓ ତା’ର ସହଜ ଉପଲବ୍ଧତା (୨) ଖାଦ୍ୟ କ୍ରୟ କରିବାର କ୍ଷମତା (୩) ଶରୀରକୁ ଉପଯୁକ୍ତ ଶକ୍ତି ଯୋଗାଇବା ପାଇଁ ସ୍ୱାସ୍ଥ୍ୟକର ପରିବେଶରୁ ଖାଦ୍ୟ ଉପଲବ୍ଧ। ସଭ୍ୟତା ଓ ସଂସ୍କୃତିର ସର୍ବାଙ୍ଗୀନ ବିକାଶ ନିମନ୍ତେ ଖାଦ୍ୟ ନିରାପତ୍ତାର ଏକାନ୍ତ ଜରୁରୀ। ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ ଖାଦ୍ୟ ନିରାପତ୍ତାର ଅର୍ଥ ହେଉଛି– ଯେତେବେଳେ ସମସ୍ତ ଲୋକ ସବୁବେଳେ ସ୍ୱାସ୍ଥ୍ୟକର ଓ ସୁସ୍ଥ ଜୀବନଯାପନ ନିମନ୍ତେ ସମଗ୍ର ଖାଦ୍ୟର ଚାହିଦା ଓ ପସନ୍ଦ ମୁତାବକ ଯଥେଷ୍ଟ ନିରାପଦ ଓ ସୁସ୍ୱାଦୁ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇପାରିବେ। ସଂକ୍ଷେପରେ କହିବାକୁ ଗଲେ, ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନିଗୋଟି ଅଂଶ ବିଶେଷକୁ ହିଁ ବୁଝାଇଥାଏ। ତାହାହେଲା (୧) ଖାଦ୍ୟର ସହଜ ଉପଲବ୍ଧତା (୨) ଖାଦ୍ୟ ବ୍ୟବହାର କରିବାର ସୁଯୋଗ (ଆକ୍ସେସ୍) (୩) ଅବଶୋଷଣ (ଆବ୍ଜରପ୍ସନ୍)।

ବିଶେଷଜ୍ଞଙ୍କ ମତରେ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତିର ସୁଷମ ଖାଦ୍ୟ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଦୈନିକ ୪୭୫ଗ୍ରାମ୍ ଖାଦ୍ୟଶସ୍ୟ (ଚାଉଳ, ଗହମ ଇତ୍ୟାଦି), ୫୦ଗ୍ରାମ୍ ଡାଲି. ୨୫୦ଗ୍ରାମ୍ ପନିପରିବା, ୨୦୦ଗ୍ରାମ୍ ଫଳ, ୨୦୦ ଗ୍ରାମ୍ କ୍ଷୀର, ୧୫୦ ଗ୍ରାମ୍ ମାଛ, ଫାଳେ ଅଣ୍ଡା ଓ ୩୦ଗ୍ରାମ୍ ମାଂସ ଦରକାର। ଅଦ୍ୟାବଧି ଆମ ରାଜ୍ୟ ତଥା ଦେଶରେ ସୁଷମ ଖାଦ୍ୟର ଅଭାବ ଯୋଗୁ ମହିଳା ଓ ଶିଶୁମାନଙ୍କଠାରେ ରକ୍ତ ହୀନତା ଦେଖାଦେବା ଯୋଗୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଏଥିରେ କ୍ରମାଗତ ଭାବେ ଉନ୍ନତି ପରିଲକ୍ଷିତ ହେବା ସଙ୍ଗେ ସେଙ୍ଗ ମହିଳା ଓ ଶିଶୁ ମୃତ୍ୟୁହାର ଢ଼େର କମିଛି।

୨୦୧୭-୧୮ ବର୍ଷରେ (ଜୁଲାଇରୁ ଜୁନ୍) ଆମ ଦେଶରେ ଭଲ ମୌସୁମୀ ବର୍ଷା ସହିତ ଅନୁକୂଳ ପାଣିପାଗ ଯୋଗୁ ଖାଦ୍ୟଶସ୍ୟ ଉତ୍ପାଦନ ୨୮୪.୮୩ ମିଲିୟନ ଟନ୍‌ରେ ପହଞ୍ଚି ପାରିଛି । ସେହିପରି ଧାନ ଉତ୍ପାଦନ ୧୧୨.୯୧ ମିଲିୟନ୍

ଟନ୍, ଗହମ ଉତ୍ପାଦନ ୯୯.୭୦ ମିଲିୟନ୍ ଟନ୍, ତୈଳବୀଜ ଉତ୍ପାଦନ ୨୫.୨୩ ମିଲିୟନ୍ ଟନ୍, ମୋଟା ଶସ୍ୟଜାତୀୟ ଖାଦ୍ୟଶସ୍ୟ ୪୬.୯୯ ମିଲିୟନ୍ ଟନ୍ ଉତ୍ପାଦିତ ହୋଇପାରିଛି । ଆମ ରାଜ୍ୟରେ ୨୦୧୭-୧୮ ବର୍ଷରେ (ଖରିଫ ଓ ରବି ଋତୁ) ମୋଟ ଖାଦ୍ୟଶସ୍ୟ ଉତ୍ପାଦନ ୧୨.୦୯ ମିଲିୟନ୍ ଟନ୍ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୧୧.୫ ମିଲିୟନ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇ ରାଜ୍ୟକୁ ସ୍ୱାବଲମ୍ୱଶୀଳ କରିପାରିଛି । ଏହି ବର୍ଷ ଗହମ ଉତ୍ପାଦନ ୯.୫୬ ମିଲିୟନ୍ ଟନ୍ ଓ ତୈଳବୀଜ ୧.୩୫ ମିଲିୟନ୍ ଟନ୍ ଉତ୍ପାଦନ ହୋଇପାରିଛି।

ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆମ ଦେଶ ୧୯୯୮ ବର୍ଷଠାରୁ ୭୮ ମିଲିୟନ୍ ଟନ୍ ଦୁଗ୍ଧ ଉତ୍ପାଦନ କରି କ୍ରମାଗତ ଭାବେ ସମଗ୍ର ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଆସିଛି । ସେହି ବର୍ଷ ଯୁକ୍ତରାଷ୍ଟ୍ର ଆମେରିକା ୭୮ ମିଲିୟନ୍ ଟନ୍ ଦୁଗ୍ଧ ଉତ୍ପାଦନ କରି ଦ୍ୱିତୀୟ ସ୍ଥାନ, ରୁଷିଆ ୩୩ ମିଲିୟନ୍ ଟନ୍ ଦୁଗ୍ଧ ଉତ୍ପାଦନ କରି ତୃତୀୟ ସ୍ଥାନ ଅଧିକାର କରିଛି । ୨୦୧୬-୧୭ ବର୍ଷରେ ଆମ ଦେଶରେ ଦୁଗ୍ଧ ଉତ୍ପାଦନ ୧୬୫୪ ମିଲିୟନ୍ ଟନ୍ ଉତ୍ପାଦନ ହୋଇପାରିଛି । ଯାହାଫଳରେ ଜାତୀୟ ସ୍ତରରେ ଦୈନିକ ମୁଣ୍ଡପିଛା ମିଳୁଥିବା ଦୁଗ୍ଧର ପରିମାଣ ହେଉଛି ୩୫୫ ଗ୍ରାମ୍ । ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ହରିୟାନା, ତାମିଲନାଡୁ ଓ ବିହାର ଆଦି ରାଜ୍ୟ ଆଗୁଆ ଧାଡ଼ିରେ ଅଛନ୍ତି । ଆମ ରାଜ୍ୟରେ ୨୦୧୭-୧୮ ବର୍ଷରେ ୩୩୫୮ ହଜାର ମେଟ୍ରିକ ଟନ୍ ଦୁଗ୍ଧ ଆବଶ୍ୟକ ଥିବାବେଳେ ୨୦୮୮ ହଜାର ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଅଛି ଏବଂ ଦୈନିକ ମୁଣ୍ଡପିଛା ମିଳୁଥିବା ଦୁଗ୍ଧର ପରିମାଣ ହେଉଛି ୧୨୪ ଗ୍ରାମ୍ । ଅଧିକ ଉତ୍ପାଦନ ହେଉଥିବା ମାସଗୁଡ଼ିକରେ ଆମ ରାଜ୍ୟରେ ବ୍ୟବହାର ନହେଉଥିବା ଦୈନିକ ୫୦ ହଜାରରୁ ୧ ଲକ୍ଷ ଲିଟର ଦୁଗ୍ଧ ୫ ରୁ ୬ ମାସ ଧରି ପଡ଼ୋଶୀ ରାଜ୍ୟକୁ ବିକ୍ରିବଟା ପାଇଁ ପଠା ଯାଉଛି । ନଚେତ୍, ଏହି ବଳକା ଦୁଗ୍ଧରୁ ଦୁଗ୍ଧ ଗୁଣ୍ଡ ଓ ଘିଅ ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ କରା ଯାଉଛି । ବର୍ତ୍ତମାନ ଆମ ରାଜ୍ୟରେ ଦୈନିକ ଦୁଗ୍ଧର ଆବଶ୍ୟକତା ୯୨ ଲକ୍ଷ ଲିଟର ଥିବାବେଳେ ୫୭ ଲକ୍ଷ ଲିଟର ଦୁଗ୍ଧ ଉପଲବ୍ଧ ହେଉଅଛି । ଆମର ଦୈନିକ ଦୁଗ୍ଧର ଆବଶ୍ୟକତା ହେଉଛି ୨୦୦ ମି.ଲି ରୁ ୩୦୦ ମି.ଲି ।

ଆମ ରାଜ୍ୟରେ ମାଂସ ଉତ୍ପାଦନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ମାଂସ ଉତ୍ପାଦନ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ୨୦୧୭-୧୮ ବର୍ଷରେ ରାଜ୍ୟରେ ୯୮.୮୩ ହଜାର ମେଟ୍ରିକଟନ୍ ଛେଳି ଓ ମେଣ୍ଢା ମାଂସ ଏବଂ ୮୪.୫୯ ହଜାର ମେଟ୍ରିକ୍‌ଟନ୍ କୁକୁଡ଼ା ମାଂସ ଏହିପରି ଭାବେ ସର୍ବମୋଟ ୧୮୩.୪୨ ହଜାର ମେଟ୍ରିକ୍‌ଟନ୍ ମାଂସ ଉତ୍ପାଦିତ ହୋଇ ପାରିଛି । ଆମର ଦୈନିକ ମୁଣ୍ଡପିଛା ୩୦ ଗ୍ରାମ୍ ମାଂସର ଆବଶ୍ୟକତା ରହିଛି । ସେହିପରି ୨୦୧୭-୧୮ ବର୍ଷରେ ରାଜ୍ୟରେ ୨୦୬ ୨୨ ଲକ୍ଷ ଅଣ୍ଡା ଉତ୍ପାଦନ ହୋଇ ପାରିଛି । ରାଜ୍ୟରେ ଅଣ୍ଡା ଉତ୍ପାଦନର ଅଭିବୃଦ୍ଧି ପାଇଁ ବାଡ଼ି ଅଗଣାରେ କୁକୁଡ଼ା ପାଳନ ଓ ବ୍ୟବସାୟୀ ଭିତ୍ତିକ କୁକୁଡ଼ା। ପାଳନ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରା ଯାଉଛି । ଯାହା ଫଳରେ ଆମ ରାଜ୍ୟରେ କ୍ରମାଗତ ଭାବରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଉଅଛି ଏବଂ ରାଜ୍ୟ ବାହାରକୁ ମଧ୍ୟ ରପ୍ତାନି କରାଯାଉଛି । ରାଜ୍ୟରେ ଦୈନିକ ୯୦ ଲକ୍ଷ ଅଣ୍ଡାର ଆବଶ୍ୟକ ଥିବାବେଳେ ଦୈନିକ ହାରାହାରି ୫୭ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଅଛି ।

ଆମ ରାଜ୍ୟ ମାଛ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ୨୦୧୭-୧୮ରେ ମାଛର ଆବଶ୍ୟକତା ୫୩୨୮୮୭ ମେଟ୍ରିକ୍‌ଟନ୍ ଥିବା ବେଳେ ମାଛ ଉତ୍ପାଦନ ୬୮୪୯୬୩ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହୋଇପାରିଛି । ସାମଗ୍ରୀକ ଭାବରେ ମାଛ ଉତ୍ପାଦନରେ ଆମ ରାଜ୍ୟ ଯଦିଓ ଆତ୍ମ ନିର୍ଭରଶୀଳ, ମାତ୍ର ମଧୁର ମାଛର ଆବଶ୍ୟକତା ଦୃଷ୍ଟିରୁ ମୁଖ୍ୟତଃ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ମାଛ ଆମଦାନୀ କରାଯାଇଥାଏ । ୨୦୧୭-୧୮ ବର୍ଷରେ ଆମ ରାଜ୍ୟରୁ ୪୩୬୦୩ ମେଟ୍ରିକ୍ ଟନ୍ ମଧୁର ମାଛ ଓ ଚିଙ୍ଗୁଡ଼ି ପଡ଼ୋଶୀ ରାଜ୍ୟକୁ ରପ୍ତାନୀ କରାଯାଇପାରିଛି । ଆଗାମୀ ୨୦୧୯-୨୦ ବର୍ଷ ସୁଦ୍ଧା ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ରାଜ୍ୟକୁ ମଧୁର ଜଳ ମାଛ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ୱୀଶୀଳ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଆମର ବାର୍ଷିକ ମୁଣ୍ଡପିଛା ମାଛର ଆବଶ୍ୟକତା ହେଉଛି ୧୧ କି.ଗ୍ରା ଏବଂ ଉପଲବ୍ଧ ହେଉଛି ୯ କି.ଗ୍ରା ।

କୃଷି ଅଗ୍ରଗତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସକରାତ୍ମକ ପଦକ୍ଷେପକୁ ପ୍ରଶଂସା କରି ଭାରତୀୟ କୃଷି ଓ ଖାଦ୍ୟ ପରିଷଦ ଶ୍ରେଷ୍ଠ କୃଷି ରାଜ୍ୟ ରୂପେ ଓଡ଼ିଶାକୁ ମାନ୍ୟତା ଦେଇଛି। ନୂଆ ଦିଲ୍ଲୀଠାରେ ଅନୁଷ୍ଠିତ ଏକ ଉତ୍ସବରେ ୯ବମ ଗ୍ଲୋବାଲ ଏଗ୍ରିକଲଚର ଲିଡ଼ରସିପ୍ ଆୱାଡ଼ ଉତ୍ସବରେ ଓଡ଼ିଶାକୁ ଶ୍ରେଷ୍ଠ କୃଷି ରାଜ୍ୟ ଭାବରେ ଲିଡ଼ରସିପ୍ ଆୱାର୍ଡ଼ ପୁରସ୍କୃତ କରାଯାଇଛି। ସରକାର କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଆଣିବା ସକାଶେ କୃଷି କର୍ମଣ ପୁରସ୍କାର ଅର୍ଥରେ ଭୁବନେଶ୍ୱର ଠାରେ ଏକ କୃଷି ଭବନ ନିର୍ମାଣ କରିଛନ୍ତି, ଯାହାକି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବର୍ତ୍ତମାନ ବିଶ୍ୱସ୍ତରରେ ଆଗାମୀ ୨୦୩୦ ବର୍ଷ ସୁଦ୍ଧା କ୍ଷୁଧାମୁକ୍ତ ବା ଜିରୋ-ହଙ୍ଗର ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସାଂପ୍ରତିକ ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ଦୃଷ୍ଟିରେ ରଖି ଆମକୁ କ୍ଷୁଧା ବିରୁଦ୍ଧରେ ସଂଗ୍ରାମ ଅବ୍ୟାହତ ରଖିବା ସହିତ ଏଦିଗରେ ସଫଳତା ହାସଲ କରିବାକୁ ହେବ। ସେଥିପାଇଁ ବିଶ୍ୱର ଖାଦ୍ୟ ଓ କୃଷି ସଂଗଠନ ବିଶ୍ୱ ଖାଦ୍ୟ ପ୍ରଣାଳୀରେ ଉନ୍ନତି ଆଣିବା ସକାଶେ ବିଭିନ୍ନ ଦେଶକୁ ସାହାଯ୍ୟ ସହଯୋଗ କରି ଆସୁଅଛି। ତେଣୁ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ

ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସହିତ ଖାଦ୍ୟ ନିରାପତ୍ତା ନେଇ ଜନ ସଚେତନତା ସୃଷ୍ଟି କରାଗଲେ, ଏହି ବିଶ୍ୱ ଖାଦ୍ୟ ଦିବସର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

ଡା.ବୀର କିଶୋର ପରିଡ଼ା
ଉପନିର୍ଦ୍ଦେଶକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ
ମୋ. ୯୪୩୭୬୦୭୩୧୨

ଖାଦ୍ୟ ଦିବସର ଆହ୍ୱାନ

ଆଜି ଅକ୍ଟୋବର ୧୬ ବିଶ୍ୱ ଖାଦ୍ୟ ଦିବସ । ଏହି ଦିବସ ପାଳନର ଲକ୍ଷ୍ୟ ବିଶ୍ୱର ସମସ୍ତ ଜନଗଣଙ୍କ ପାଇଁ ସମ୍ପୂର୍ଣ୍ଣ ଖାଦ୍ୟ ନିରାପତ୍ତାର ଲବାତାବରଣ ସୃଷ୍ଟି । ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ପାଳନକୁ ଅନୁମୋଦନ କରି ଜାତିସଂଘ ସାଧାରଣ ପରିଷଦରେ ୧୯୮୦ରେ ଗୃହୀତ ଏକ ପ୍ରସ୍ତାବରେ କୁହାଯାଇଥିଲା, ‘ବଞ୍ଚି ରହିବା ସହ ଏକ ସୁସ୍ଥ ଜୀବନ ପାଇଁ ଖାଦ୍ୟ ମଣିଷର ଏକାନ୍ତ ଅପରିହାର୍ଯ୍ୟ । ଏହା ଏକ ମୌଳିକ ଆବଶ୍ୟକତା ।’ ଏବେତ ଖାଦ୍ୟାଧିକାରକୁ ମୌଳିକ ମାନବାଧିକାରର ମର୍ଯ୍ୟାଦା ଦିଆଯାଇଛି । କିନ୍ତୁ ଗତ ତିନି ଦଶନ୍ଧି ହେଲା ଆନ୍ତର୍ଜାତିକ ସମୁଦାୟ ବିଶ୍ୱ ଖାଦ୍ୟ ଦିବସ ପାଳନ କରି ଆସୁଥିଲେ ବି ବିଶ୍ୱର ସବୁ ଲୋକଙ୍କ ଏହି ମୌଳିକ ଆବଶ୍ୟକତା ପୂରଣ କରାଯାଇ ପାରି ନାହିଁ । ଏବେ ବି ବିଶ୍ୱର ଶହେ କୋଟି ଲୋକଙ୍କୁ ପ୍ରତିଦିନ ଦିଓଳି ପେଟପୂରା ଖାଇବାକୁ ମିଳୁନାହିଁ । ନଅ ବର୍ଷ ତଳେ ବିଶ୍ୱ ନେତୃତ୍ୱ ସହସ୍ରାବ୍ଦୀ ଲକ୍ଷ୍ୟ ଗ୍ରହଣ କରି ବିଶ୍ୱରେ ଅନାହାର, ଅର୍ଦ୍ଧାହାର କ୍ଲିଷ୍ଟ ଭୋକିଲାଙ୍କ ସଂଖ୍ୟା ୨୦୧୫ ସୁଦ୍ଧା ଅନ୍ତତଃ ଶତକଡ଼ା ୫୦ ଭାଗ ହ୍ରାସ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଅଥଚ ଜାତିସଂଘ ରିପୋର୍ଟ ଅନୁଯାୟୀ ବିଶ୍ୱରେ କ୍ଷୁଧା ପୀଡ଼ିତଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଇ ୧୦୦ କୋଟିକୁ ଡେଇଁ ସାରିଲାଣି । ବର୍ଷକ ତଳେ କ୍ଷୁଧା କ୍ଲିଷ୍ଟଙ୍କ ସଂଖ୍ୟା ଥିଲା ୯୬ କୋଟି । ଅର୍ଥାତ୍ ଅର୍ଥନୈତିକ ମାନ୍ଦାବସ୍ଥାର ଶିକାର ହୋଇ ବର୍ଷକ ମଧ୍ୟରେ ଅଧିକ ଚାରି କୋଟି ଲୋକ ଭୋକିଲାଙ୍କ ବିଶାଳ ବାହିନୀରେ ସାମିଲ ହୋଇଛନ୍ତି । ୨୦୦୭ ଓ ୨୦୦୮ ରେ ଆନ୍ତର୍ଜାତିକ ବଜାରରେ ଖାଦ୍ୟ ସାମଗ୍ରୀ ବେଶ୍ ମହଙ୍ଗା ଥିଲା । ଏବେ ଆନ୍ତର୍ଜାତିକ ବଜାରରେ ଖାଦ୍ୟର ମୂଲ୍ୟ ମୋଟାମୋଟି ସ୍ଥିର ରହିଥିଲେ ସୁଦ୍ଧା, ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଖାଦ୍ୟ ସାମଗ୍ରୀର ଦାମ ତଥାପି ଚଢ଼ା ରହିଛି । ତେଣୁ ଏସୀୟ, ପ୍ରଶାନ୍ତ ମହାସାଗରୀୟ ଓ ଆଫ୍ରିକୀୟ ରାଷ୍ଟ୍ର ମାନଙ୍କର କ୍ଷୁଧା ପୀଡ଼ିତଙ୍କ ସଂଖ୍ୟା ଅଧିକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି । ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଲୋକେ ବାଧ ହୋଇ ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦ ଖର୍ଚ୍ଚ କାଟ କରି ସୁଦ୍ଧା ପର୍ଯ୍ୟାପ୍ତ ଆହାର ଯୋଗାଡ଼ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି । ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ଷୁଧା ପୀଡ଼ିତଙ୍କ ସଂଖ୍ୟା ସର୍ବାଧିକ ୬୪ କୋଟି ହୋଇଥିବାବେଳେ ଆଫ୍ରିକାର ୨୬କୋଟି । ଅନାହାର, ଅର୍ଦ୍ଧାହାରରେ ଏକ ସ୍ୱାଭାବିକ କୁପରିଣତି ହେଲା ପୁଷ୍ଟିହୀନତା । କ୍ଷୁଧାର ତାଡ଼ନା ସହ ପୁଷ୍ଟିହୀନତାରେ ଶିକାର ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ପ୍ରତି ୬ ସେକେଣ୍ଡରେ ବିଶ୍ୱର ଜଣେ ଶିଶୁ ପୁଷ୍ଟିହୀନତା ଜନିତ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛି ।

ବିଶ୍ୱରେ କ୍ଷୁଧା ଓ ପୁଷ୍ଟିହୀନତା ବିଷୟ ଆଲୋଚନା ବେଳେ ଭାରତ ଏବଂ ଓଡ଼ିଶାର ପରିସ୍ଥିତିକୁ ଏଡ଼ାଯାଇ ପାରିବ ନାହିଁ । ୨୦୧୨-୧୩ କୃଷି ବର୍ଷରେ ରେକର୍ଡ଼ ୨୩୪ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ସତ୍ତ୍ୱେ ଭାରତର ଅନ୍ୟୁନ ୨୩ କୋଟି ଲୋକ ଦିଓଳି ପେଟପୂରା ଖାଇବାକୁ ପାଆନ୍ତି ନାହିଁ । ପୁଷ୍ଟିହୀନତାର ଶିକାର ହୋଇ ବିଶ୍ୱରେ ଯେତେ ଶିଶୁଙ୍କ ମୃତ୍ୟୁ ହୁଏ ତା’ର ଶତକଡ଼ା ୫୦ ଭାଗ ଭାରତୀୟ ଶିଶୁ । ୧୫ରୁ ୪୯ ବର୍ଷ ବୟସ୍କ ଗୋଷ୍ଠୀରେ ପ୍ରତି ତୃତୀୟ ବ୍ୟକ୍ତି ପୁଷ୍ଟିହୀନତା ଦ୍ୱାରା ଆକ୍ରାନ୍ତ । ଓଡ଼ିଶାରେ ୩୦ଟି ଜିଲ୍ଲାରୁ ୨୪ଟି ଜିଲ୍ଲା କ୍ଷଧାପ୍ରବଣ ଏବଂ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ବିପନ୍ନ । ଶିଶୁମାନଙ୍କ ମଧ୍ୟରେ ପାଖାପାଖି ଅଧା ପୁଷ୍ଟିହୀନତାର ଶିକାର । ଗୋଟିଏ ପକ୍ଷରେ ଦାରିଦ୍ର୍ୟ ଓ ଅନ୍ୟପକ୍ଷରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଏଥିପାଇଁ ଦାୟୀ । ମୁଦ୍ରାସ୍ଫିତି ହାର ୨୦୦୮ରେ ୧୨ ପ୍ରତିଶତରୁ ଏବେ ଶୂନ ତଳକୁ ଖସି ଅବସ୍ଫୀତିରେ ପହଞ୍ଚିଛି । ଅଥଚ ଖାଦ୍ୟ ସାମଗ୍ରୀର ମୂଲ୍ୟ ସେହି ସମୟରେ ପ୍ରାୟ ୨ଗୁଣ ବୃଦ୍ଧି ପାଇଛି । ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ମତରେ ପରିସ୍ଥିତିର ମୁକାବିଲା ପାଇଁ ଏକମାତ୍ର ଉପାୟ ହେଲା କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟାର ଚାହିଦା ପୂରଣ ଲାଗି କୃଷି ଉତ୍ପାଦନ, ବିଶେଷକରି ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି । ଏଥିପାଇଁ ଜରୁରୀ କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ । ବିଡ଼ମ୍ବନା ହେଲା କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଆବଶ୍ୟକତା ଥିବା ବେଳେ ପୁଞ୍ଜି ବିନିଯୋଗ ପରିମାଣ ହ୍ରାସ ପାଇଛି । ୧୯୮୦ରେ ଆନ୍ତର୍ଜାତିକ ସମୁଦାୟ ଦେଉଥିବା ଅନୁଦାନର ୧୭ ପ୍ରତିଶତ କୃଷିରେ ବିନିଯୋଗ ହେଉଥିବା ବେଳେ ୨୦୦୬ ବେଳକୁ ତାହା ୩ ଦଶମିକ ୮ ପ୍ରତିଶତକୁ ଖସି ଆସିଛି । ସରକାରୀ ଓ ଘରୋଇ ପୁଞ୍ଜି ବିନିଯୋଗ ମଧ୍ୟ ହ୍ରାସ ପାଉଛି । କୃଷି କ୍ଷେତ୍ରରେ ବିଶ୍ୱରେ ସଂପ୍ରତି ବାର୍ଷିକ ୭୯୦ କୋଟି ଡଲାର ପୁଞ୍ଜି ବିନିଯୋଗ ପରିମାଣକୁ ବାର୍ଷିକ ୪୪୦୦ କୋଟି ବୃଦ୍ଧି କରିବାକୁ ପଡ଼ିବ । ଅନ୍ୟଥା ୨୦୫୦ ସୁଦ୍ଧା ବିଶ୍ୱର ୯୧୦ କୋଟି ଲୋକଙ୍କ ଖାଦ୍ୟା ଆବଶ୍ୟକତା ପୂରଣ ଲାଗି କୃଷି ଉତ୍ପାଦନ ୭୦ ପ୍ରତିଶତ ବୃଦ୍ଧି ସମ୍ଭବପର ହୋଇ ନପାରେ । ବିଶ୍ୱ ସମୁଦାୟ ପାଇଁ ଏହା ଏକ ଆହ୍ୱାନ ।

ଡ. ଅରୁନ୍ଧତୀ ଦେବୀ
ମୋ. ୯୯୩୭୧୭୨୮୧୦